ସଙ୍କୁଚିତ ହେଲା ପୂର୍ବତଟ ରେଳପଥ

ପୂର୍ବତଟ ରେଳପଥରୁ ୱାଲଟିୟର ଡିଭିଜନ ବାଦ୍

ଭୁବନେଶ୍ୱର,୨୪।୧୧(ନି.ପ୍ର): ଆନ୍ଧ୍ରପ୍ରଦେଶରେ ସ୍ୱତନ୍ତ୍ର ଭାବେ 'ଦକ୍ଷିଣତଟ ରେଳପଥ' ପ୍ରତିଷ୍ଠା କରାଯାଉଛି। ପୂର୍ବତଟ ରେଳପଥରୁ ୱାଲଟିୟର ଡିଭିଜନକୁ କାଢ଼ି ନିଆଯାଇ ସେଥିରେ ମିଶାଇ ଦିଆଯିବ। ଦକ୍ଷିଣତଟ ରେଳପଥ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ବିଶାଖାପାଟଣାରେ ନିର୍ମାଣ କରାଯିବ। ମୁଖ୍ୟ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଟେଣ୍ଡର ଆହ୍ୱାନ ହୋଇଛି। ଟେଣ୍ଡର ଆବେଦନର ଶେଷ ତାରିଖ ଡିସେମ୍ବର ୨୭ ରହିଛି। କୋଠା (ବି୨+ବି୧+ଜି+୯) ନିର୍ମାଣ କରାଯିବାକୁ ଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ୧୫୦କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ନିର୍ମାଣ କାର୍ଯ୍ୟ ଦୁଇବର୍ଷରେ ସାରିବାକୁ ଟେଣ୍ଡରରେ ଧାର୍ଯ୍ୟ ହୋଇଛି। ୱାଲଟିୟର ଡିଭିଜନ କାଢ଼ି ନିଆଯିବା ଦ୍ୱାରା ପୂର୍ବତଟ ରେଳପଥ ପରିସୀମା ସଙ୍କୁଚିତ ହୋଇଯିବ। କେବଳ ପରିସୀମା ସଙ୍କୁଚିତ ହେବନାହିଁ; ବରଂ ଆର୍ଥିକ କ୍ଷେତ୍ରରେ ପୂର୍ବତଟ ରେଳପଥ ଆହୁରି ଦୁର୍ବଳ ହୋଇଯିବା ଆଶଙ୍କା ରହିଛି।

ଦକ୍ଷିଣ-ପୂର୍ବ ରେଳପଥ ଜୋନ ଅଧୀନ ଚକ୍ରଧରପୁର ରେଳମଣ୍ଡଳ (ଡିଭିଜନ)ରେ ଥିବା ଓଡ଼ିଶାର ୪ଜିଲାକୁ ରେଳପଥ ଜୋନ୍‌ରୁ ୱାଲଟିୟର ଡିଭିଜନକୁ କାଢ଼ି ନିଆଗଲେ ଓଡ଼ିଶା ପ୍ରତି ଶକ୍ତ ଆଘାତ ହେବ ବୋଲି କୁହାଯାଉଛି।

ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ଅଧା ଅଞ୍ଚଳ ଦକ୍ଷିଣ-ପୂର୍ବ ରେଳପଥ ଜୋନ ଝାଡ଼ଖଣ୍ଡସ୍ଥିତ ଚକ୍ରଧରପୁର ରେଳ ଡିଭିଜନ ଅନ୍ତର୍ଭୁକ୍ତ। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ସୁନ୍ଦରଗଡ଼, କେନ୍ଦୁଝର ଏବଂ ଝାରସୁଗୁଡ଼ାରୁ ରେଳପଥ ମାଲ ପରିବହନ କରି ବିପୁଳ ପରିମାଣ ରାଜସ୍ୱ ସଂଗ୍ରହ କରୁଛି। ଦକ୍ଷିଣ-ପୂର୍ବ ରେଳପଥ ଜୋନ ବାର୍ଷିକ ଯେତିକି ରାଜସ୍ୱ ଆଦାୟ କରୁଛି ତା'ର ୪୦ ପ୍ରତିଶତ କେବଳ ଏହି ୪ ଜିଲା ଦେଉଛନ୍ତି। ଏହି ଜିଲାଗୁଡ଼ିକ ରେଳପଥକୁ ଅଧିକ ରାଜସ୍ୱ ଦେଉଥିଲେ ମଧ୍ୟ ଜିଲାର ରେଳ ବିକାଶ ଆଶାନୁରୂପକ ହୋଇପାରିନି। ଜିଲାର ରେଳ ବିକାଶ ନିମନ୍ତେ ୧୦ ପ୍ରତିଶତ ରାଜସ୍ୱ ଖର୍ଚ୍ଚ କରାଯାଉ ନାହିଁ। ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ପୂର୍ବତଟ ରେଳପଥ ଜୋନ ଅଧୀନରୁ ୱାଲଟିୟର ଡିଭିଜନ ଅଧୀନ ଆନ୍ଧ୍ରପ୍ରଦେଶର ସମସ୍ତ ଅଞ୍ଚଳକୁ କାଢି ଦକ୍ଷିଣତଟ ରେଳପଥ ଗଠନ କରିବା ସହ ଆଣି ରାଉରକେଲା ରେଳ ଡିଭିଜନ ସ୍ଥାପନ କରିବା, ଖଡ଼ଗପୁର ରେଳ ଡିଭିଜନ ଅଧୀନରେ ଥିବା ଓଡ଼ିଶାର ୩ ଜିଲାକୁ ଆଣି ଯାଜପୁର ରୋଡ ରେଳ ଡିଭିଜନ ସ୍ଥାପନ ସହ ରାୟଗଡ଼ାରେ ପ୍ରସ୍ତାବିତ ରେଳ ଡିଭିଜନକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଦୀର୍ଘ ଦିନ ହେଲା ବିଭିନ୍ନ ମହଲରେ ଦାବି ହୋଇଆସୁଛି। ଏହା ପୂରଣ ହୋଇପାରୁନଥିବାବେଳେ ପୂର୍ବତଟ ରେଳପଥ ଅଧୀନରେ ରହିବ।

ବିଶାଖାପାଟଣାରେ ଦକ୍ଷିଣତଟ ରେଳପଥ କାର୍ଯ୍ୟାଳୟପାଇଁ ଟେଣ୍ଡର

ଏହା ଆନ୍ଧ୍ରକୁ ଦିଆଯିବା ପାଇଁ ତତ୍କାଳୀନ ଆନ୍ଧ୍ର ସରକାର କେନ୍ଦ୍ର ପାଖରେ ଦାବି ରଖିଥିଲେ। ତତ୍କାଳୀନ ୟୁପିଏ ସରକାର ଆନ୍ଧ୍ରପ୍ରଦେଶର ଏହି ସର୍ତ୍ତ ମାନି ରାଜ୍ୟ ବିଭାଜନ କରିଥିଲେ। ପୂର୍ବତଟ ରେଳପଥରୁ ବିଶାଖାପାଟଣାକୁ ଅଲଗା କରାଯିବା ପରେ ରାୟଗଡ଼ାରେ ରେଳ ଡିଭିଜନ ସ୍ଥାପନ କରି ପୂର୍ବତଟ ରେଳପଥ ଜୋନରେ ରଖିବା ଲାଗି ପ୍ରସ୍ତାବ ରହିଛି। ରେଲୱେ ବୋର୍ଡ ବ୍ୟବସ୍ଥା ଅନୁସାରେ ଗୋଟିଏ ଜୋନରେ ୩ ଡିଭିଜନ ରହିବା କଥା; ହେଲେ ୱାଲଟିୟର ଡିଭିଜନ ଚାଲିଯିବା ପରେ ପୂର୍ବତଟ ରେଳପଥ ହାତରେ ଖୋର୍ଦ୍ଧାରୋଡ ଏବଂ ସମ୍ବଲପୁର ଭଳି ଦୁଇଟି ଡିଭିଜନ ରହିଛି। ବ୍ୟବସ୍ଥା ଓ ଦାବି ଅନୁସାରେ ରାଉରକେଲା ଏବଂ ଯାଜପୁର ରୋଡରେ ଡିଭିଜନ ସ୍ଥାପନ ଯଥାର୍ଥ ଥିବାବେଳେ ରାୟଗଡା ଡିଭିଜନକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ କୁହାଯାଉଛି। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ ରାୟଗଡା ଡିଭିଜନ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ନକ୍ସା ପ୍ରସ୍ତୁତ ହୋଇଛି। ଟେଣ୍ଡର ଆହ୍ୱାନ ପାଇଁ ମନ୍ତ୍ରଣାଳୟକୁ ଯାଇଛି। ଓଡ଼ିଶାର କୌଣସି ଅଞ୍ଚଳ ଦକ୍ଷିଣତଟ ରେଳପଥରେ ରହିବ ନାହିଁ। ୱାଲଟିୟର ଡିଭିଜିନ ଅଧୀନରେ ଥିବା ଓଡ଼ିଶାର ଅଞ୍ଚଳଗୁଡିକୁ ନେଇ ରାୟଗଡା ଡିଭିଜନ କରାଯିବ ଏବଂ ଏହା ପୂର୍ବତଟ ରେଳପଥ ଅଧୀନରେ ରହିବ।

୨୭ରୁ ତିନିଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪।୧୧ (ନି.ପ୍ର): ଆସନ୍ତା ୨୭ ତାରିଖରୁ ୩ଦିନ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମଧରଣ ବର୍ଷାର ସମ୍ଭାବନା ରହିଛି। ୨୭ରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଏବଂ କେନ୍ଦ୍ରାପଡା ଜିଲାର କିଛି ସ୍ଥାନରେ ବର୍ଷା ହୋଇପାରେ। ୨୮ରେ ଗଞ୍ଜାମ, ଗଜପତି, ମାଲକାନଗିରି , କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ରାୟଗଡା ଏବଂ କୋରାପୁଟ ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇପାରେ। ୨୯ରେ ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା ଜିଲାର କେତେକ ସ୍ଥାନରେ ହାଲୁକା ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ; କିନ୍ତୁ ପରବର୍ତ୍ତୀ ୩ଦିନ ରାତି ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏହାଦ୍ୱାରା ପାହାଡିଆ ଓ ସମତଳ ଅଞ୍ଚଳରେ ଲାଗି ରହିଥିବା ଶୀତ ପ୍ରକୋପ କମିବାର ସମ୍ଭାବନା ରହିଛି। ଫୁଲବାଣୀରେ ରାତି ତାପମାତ୍ରା ୧୦ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଦାରିଙ୍ଗବାଡି ୧୧, କୋରାପୁଟ ୧୨.୧, ରାଉରକେଲା ୧୨.୪, ବଲାଙ୍ଗିର ଏବଂ ସୁନ୍ଦରଗଡରେ ୧୨, ଭବାନୀପାଟଣାରେ ୧୨.୨ ଭୁବନେଶ୍ୱର ୧୬.୧ ଏବଂ କଟକରେ ୧୬ଡିଗ୍ରୀ ରହିଛି।

ନବୀକରଣ ହେଉନି ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ତଥ୍ୟ

ବାରମ୍ବାର ତାଗିଦା ସତ୍ତ୍ୱେ ଶୁଣୁନାହାନ୍ତି ୩୦୭ ଅଧ୍ୟକ୍ଷ

ଭୁବନେଶ୍ୱର, ୨୪।୧୧(ଭୁ.ପ୍ର): ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ତୃତୀୟ ପର୍ଯ୍ୟାୟ ଏକାଦଶ ଶ୍ରେଣୀ ନାମଲେଖା ଶେଷ ହୋଇଛି। ତିନିମାସ ହେଲା +୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେଲାଣି। ଏବେବି ଲକ୍ଷାଧିକ ଆସନ ଖାଲିପଡ଼ିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ୟୁ-ଡାଇଜ୍ ପୋର୍ଟାଲରେ ଚଳିତ ଶିକ୍ଷାବର୍ଷର ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ତଥ୍ୟକୁ ଅପ୍‌ଡେଟ୍ କରୁନାହାନ୍ତି ଶିକ୍ଷାନୁଷ୍ଠାନ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବାରମ୍ବାର ଚିଠି ସତ୍ତ୍ୱେ ୩୦୭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଚଳିତ ଶିକ୍ଷାବର୍ଷ ପାଇଁ ବିସ୍ତୃତ ତଥ୍ୟ ସଂଗ୍ରହ ପ୍ରକ୍ରିୟା ପ୍ରଭାବିତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ସୋମବାର ଆଭାସି ବୈଠକ ଡକାଯାଇଛି। ଏକାଦଶ ଶ୍ରେଣୀରେ କେତେ ଛାତ୍ରଛାତ୍ରୀ ଅଛନ୍ତି ତା'ର ତଥ୍ୟ ୩୦୭ ଶିକ୍ଷାନୁଷ୍ଠାନ ପ୍ରଦାନ କରିନାହାନ୍ତି। ନିର୍ଦ୍ଦେଶାଳୟ ପକ୍ଷରୁ ଅଧ୍ୟକ୍ଷଙ୍କୁ ଏଥିପାଇଁ ବାରମ୍ବାର ତାଗିଦ୍ କରାଯାଉଥିଲେ ବି ଲାଭ ହେଉନାହିଁ। ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ୟୁ-ଡାଇଜ୍ ପ୍ଲସରେ ତଥ୍ୟ ଦେବାକୁ ଆଭାସି ବୈଠକରେ କୁହାଯାଉଛି ଏବଂ ଚଳିତମାସ ୧୧ ତାରିଖରେ ମଧ୍ୟ ପତ୍ର ଲେଖି ଅବଗତ କରାଯାଇଥିଲା। ବ୍ୟକ୍ତିଗତ ଭାବେ ମଧ୍ୟ କୁହାଯାଉଛି। ହେଲେ କ'ଣ ପାଇଁ ତଥ୍ୟ ମିଳୁନାହିଁ ତାହା ଜଣାପଡୁନାହିଁ। ସରକାରଙ୍କ ନିକଟକୁ ଯେଉଁ ତଥ୍ୟ ଆସିଛି ସେଥିରେ ବହୁ ଶିକ୍ଷାନୁଷ୍ଠାନ ତଥ୍ୟରେ ତାଳମେଳ ରହୁନାହିଁ। ପରୀକ୍ଷା ପାଖେଇ ଆସିଲାଣି। ଏହାକୁ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ୨୫ରେ ପୁଣି ଆଭାସି ବୈଠକ ଡକାଯାଇଛି। ବୈଠକରେ ଅଧିକ୍ଷମାନେ ଉପସ୍ଥିତ ରହି ୟୁ-ଡାଇଜ୍ ପ୍ଲସ୍ ତଥ୍ୟ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପସ୍ଥାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଥ୍ୟ ସଦ୍ୟତମ କରିବାରେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ ବିବରଣୀ ପ୍ରସ୍ତୁତ ପାଇଁ କୁହାଯାଇଛି।

ୟୁ-ଡାଇଜ୍ ପ୍ଲସ୍‌ରେ ତଥ୍ୟ ସଦ୍ୟତମ କରିନଥିବା ୩୦୭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଖୋର୍ଦ୍ଧା ଜିଲାର ୩୨ ଶିକ୍ଷାନୁଷ୍ଠାନ ରହିଛି। ସେହିପରି ବାଲେଶ୍ୱରର ୨୭, କଟକ ୧୭, ବରଗଡ଼ ୧୬, କଳାହାଣ୍ଡି ୨୩, ଗଞ୍ଜାମ ୨୧, କେନ୍ଦ୍ରାପଡ଼ା ୧୫, ପୁରୀ ଓ ସୁନ୍ଦରଗଡ଼ର ୧୪ ଲେଖାଏଁ, ଭଦ୍ରକ ଓ ମୟୂରଭଞ୍ଜର ୧୦ ଲେଖାଏଁ, ବଲାଙ୍ଗିର ୧୧, ଯାଜପୁର ୧୬, କୋରାପୁଟ ୧୩, ନୟାଗଡ଼ ୭, ନବରଙ୍ଗପୁର, କେନ୍ଦୁଝର, ଜଗତସିଂହପୁର, ରାୟଗଡ଼ା, ବୌଦ୍ଧ, ଢେଙ୍କାନାଳ ଓ ସମ୍ବଲପୁରରେ ୬ ଲେଖାଏଁ, ସୋନପୁର ୫, ଅନୁଗୋଳ ୪, ଗଜପତି ୩, ଦେବଗଡ଼ ଓ ମାଲକାନଗିରିରେ ୨ ଲେଖାଏଁ, ନୂଆପଡ଼ାରେ ୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସାମ୍ବ ପୋର୍ଟାଲରେ ଉପଲବ୍ଧ ତଥ୍ୟ ଅନୁସାରେ, ରାଜ୍ୟରେ ୨୩୮୦ ଶିକ୍ଷାନୁଷ୍ଠାନରେ ମୋଟ ୫ ଲକ୍ଷ ୬୦ ହଜାର ୨୯ଟି ଆସନ ରହିଥିବାବେଳେ ୪ ଲକ୍ଷ ୨୯ ହଜାର ୭୧୭ ଆସନରେ ନାମଲେଖା ହୋଇଛି।

ସମସ୍ୟା ସମାଧାନ ପାଇଁ ଆଜି ବସିବ ବୈଠକ

ଅଧ୍ୟାପିକାଙ୍କ Ph.D. ଲାଭ

ପୁରୀ ଜିଲ୍ଲା ଡେଲ। ଙ୍ଗ ସ୍ଥିତ ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପିକା ଭବାନୀ ପ୍ରିୟଦର୍ଶିନୀ ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନର "Administration of Health Services for Rural women : A study of NRHM in Pipili Block" ଶୀର୍ଷକ ସନ୍ଦର୍ଭରେ ସମ୍ମାନଜନକ ପିଏଚ୍.ଡି. ଡିଗ୍ରୀ ପାଇବାର ଗୌରବ ଅର୍ଜନ କରିଛନ୍ତି। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ. ସ୍ମିତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣାରତ ଥିଲେ। ଏହି ସନ୍ଦର୍ଭଟି ଜାମିଆ ମିଲିଆଇସଲାମିଆ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପିକା ରୁମକି ବସୁ ଏବଂ ମିଜୋରାମ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀନିବାସ ପାଠିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଭବାନୀ ପ୍ରିୟଦର୍ଶିନୀ ପୁରୀ ଜିଲ୍ଲା ଦାଣ୍ଡମୁକୁନ୍ଦପୁର ଗ୍ରାମର ଶ୍ରୀ ଜିତେନ୍ ମହାନ୍ତି ଓ ଅତସୀ ମହାନ୍ତିଙ୍କ ସୁପୁତ୍ରୀ ଅଟନ୍ତି। ସେ ଏହି ସଫଳତାର ଶ୍ରେୟ ତାଙ୍କର ପିତା, ମାତା, ଭାଇ, ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସମସ୍ତ ସହକର୍ମୀ, ଗାଇଡ୍, ବନ୍ଧୁ ଓ ପରିବାରର ସମସ୍ତ ସଦସ୍ୟଙ୍କୁ ଦେଇଛନ୍ତି।

ଆଜି ମହାପ୍ରଭୁଙ୍କ ପଇତା ଲାଗି ନୀତି; ଚାରି ଘଣ୍ଟା ଦର୍ଶନ ବନ୍ଦ

ପୁରୀ, ୨୪।୧୧(କାର୍ଯ୍ୟାଳୟ): ମାର୍ଗଶିର କୃଷ୍ଣପକ୍ଷ ଦଶମୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହଙ୍କ ଏହି ଗୁପ୍ତନୀତି ଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ସୁରକ୍ଷା ଦିଆଯାଇଥାଏ। ଶ୍ରୀବିଗ୍ରହଙ୍କଠାରେ ଦୈନନ୍ଦିନ ଲାଗି ହେଉଥିବା ଚନ୍ଦନରୁ ଶ୍ରୀଅଙ୍ଗକୁ ସୁରକ୍ଷା ଦେବା ପାଇଁ ଏହି ପଇତା ଲାଗି କରାଯାଇଥାଏ। ମହାପ୍ରଭୁଙ୍କ ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ପରେ ପଇତା ଲାଗି ନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତି ଏହି ନୀତି ସମ୍ପାଦନ କରିବେ। ସୋମବାର ଅପରାହ୍ଣ ୪ଟାଠାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି କହିଛନ୍ତି।

ଇଆରଇଏସ XXXIX ପାୱାର ଟ୍ରାନ୍ସମିସନ ଲିମିଟେଡ

104–ବି, ପ୍ରଥମ ମହଲା, 191/ଏ, ଖାରବେଳନଗର, ୟୁନିଟ୍–3, ଭୁବନେଶ୍ୱର, ଓଡ଼ିଶା–751001

ସୂଚନା

(ବିଦ୍ୟୁତ୍ ଆଇନ୍, 2003 ର ଧାରା 15 ର ଉପଧାରା (2) ଅନୁସାରେ)

1. **ଇଆରଇଏସ XXXIX ପାୱାର ଟ୍ରାନ୍ସମିସନ୍ ଲିମିଟେଡ୍,** ଯାହାର ରେଜିଷ୍ଟର୍ଡ ଅଫିସ୍ 104–ବି, ପ୍ରଥମ ମହଲା, 191/ଏ, ଖାରବେଳ ନଗର, ୟୁନିଟ୍–3, ଭୁବନେଶ୍ୱର, ଓଡ଼ିଶା–751001, ଯାହା କମ୍ପାନୀ ଆଇନ, 2013 ଅନୁସାରେ ଗଠିତ ଏହା Central Electricity Regulatory Commission, New Delhi କୁ Electricity Act, 2003 ର ଧାରା 15 ର ଉପଧାରା (1) ଅନୁସାରେ ଗ୍ରାଣ୍ଟ ଅଫ୍ ଟ୍ରାନ୍ସମିସନ ଲାଇସେନ୍ସ ପାଇଁ ଏକ ଆବେଦନ କରିଛି, ଯାହାର ଟ୍ରାନ୍ସମିସନ୍ ଲାଇନ୍, ସବ୍–ଷ୍ଟେସନ୍ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମ୍ବନ୍ଧୀୟ ବିବରଣୀ ନିମ୍ନରେ ଦିଆଯାଇଛି।

କ୍ର. ନଂ	ଲାଇନ୍/ସବ୍–ଷ୍ଟେସନ ନାମ (ସ୍ଥାନ)	ଲାଇନ୍ ଲମ୍ବା/ କ୍ଷମତା	ଆନୁମାନିକ ସମାପ୍ତି ଖର୍ଚ୍ଚ କିମ୍ବା ସ୍ତରୀୟ ଟ୍ରାନ୍ସମିସନ୍ ଚାର୍ଜ	ସମୟସୂଚୀ COD	ମନ୍ତବ୍ୟ
1	ଅନୁଗୁଳ (ପାୱାରଗ୍ରୀଡ)–ଗୋପାଳପୁର 765 KV D/C ଲାଇନ ସହିତ 765KV, 1x330 MVAr ସ୍ୱିଚେବଲ ଲାଇନ ରିଆକ୍ଟର ସହିତ 500 ohm NGR (ଏନଜିଆର ବାଇପାସ ବ୍ୟବସ୍ଥା ସହିତ)। ଅନୁଗୁଳ (ପାୱାରଗ୍ରୀଡ)–ଗୋପାଳପୁର 765 KV D/C ଲାଇନର ଅନୁଗୁଳ ସ୍ଥିତ ଉଭୟ ସର୍କିଟରେ ଗୋପାଳପୁର ଶେଷରେ।	180 Km	Rs.2897.29 ନିୟୁତ ଟଙ୍କା ବାର୍ଷିକ	31.12.2027	
2	ଗୋପାଳପୁର–ଗୋପାଳପୁର (OPTCL) 400KV D/C (କ୍ୱାଡ) ଲାଇନ	20 Km			
3	ଓଡ଼ିଶାର ଗୋପାଳପୁର ଠାରେ ନୂତନ 765/400KV, 2x1500 MVA GIS ସବ–ଷ୍ଟେସନ ପ୍ରତିଷ୍ଠା • 765/400KV, 1500MVA ICTs:2 nos. (7x500 MVA ସିଙ୍ଗଲ୍ ଫେଜ୍ ୟୁନିଟ୍ ସହିତ 1ଟି ସ୍ପେୟାର୍) • 765KV ICT ବେ: 2 ଟି • 400KV ICT ବେ: 2 ଟି • 765KV, 330MVAr ବସ୍ ରିଆକ୍ଟର : 2ଟି (7x110 MVAr ସିଙ୍ଗଲ୍ ଫେଜ୍ ୟୁନିଟ୍ ସହିତ ବସ୍ ଏବଂ ଲାଇନ୍ ରିଆକ୍ଟର ଉଭୟ ପାଇଁ 1ଟି ସ୍ପେୟାର୍ ୟୁନିଟ୍) • 765KV ବସ୍ ରିଆକ୍ଟର ବେ : 2 ଟି • 420KV, 125 MVAr ବସ୍ ରିଆକ୍ଟର : 2 ଟି • 400KV ବସ୍ ରିଆକ୍ଟର ବେ : 2 ଟି • 765KV ଲାଇନ ବେ : 2 ଟି [ଉଭୟ ପରିପଥରେ 765 କେ.ଭି, 1x330 ଏମ.ଭି.ଏ.ଆର୍. ସ୍ୱିଚେବଲ୍ ଲାଇନ୍ ରିଆକ୍ଟର ସହିତ ଅନୁଗୁଳ (POWER–GRID)– ଗୋପାଳପୁର 765 କେ.ଭି. ଡି/ସି ଲାଇନର ସମାପ୍ତି ପାଇଁ] • 400KV ଲାଇନ ବେ : 2 ଟି [ଗୋପାଳପୁର–ଗୋପାଳପୁର (ଓପିଟିସିଏଲ) 400 କେ.ଭି. ଡି/ସି (କ୍ୱାଡ) ଲାଇନର ଟର୍ମିନେସନ ପାଇଁ] • 765 କେ.ଭି., 330 ଏମ.ଭି.ଏ.ଆର (3x110 ଏମ.ଭି.ଏ.ଆର. ଏକକ ପର୍ଯ୍ୟାୟ ୟୁନିଟ୍) ସ୍ୱିଚେବଲ୍ ଲାଇନ୍ ରିଆକ୍ଟର ସହିତ ସମ୍ପୃକ୍ତ ବେ ଏବଂ 500 ଓମ ଏନ୍.ଜି.ଆର୍. (ଏନ୍.ଜି.ଆର୍. ବାଇପାସ୍ ବ୍ୟବସ୍ଥା ସହିତ) [ଅନୁଗୁଳ (ପାୱାରଗ୍ରିଡ)–ଗୋପାଳପୁର 765 କେଭି ଡି/ସି ଲାଇନର ଉଭୟ ପରିପଥରେ ଗୋପାଳପୁର ଶେଷରେ] 2 ନମ୍ବର। **ଭବିଷ୍ୟତ ବିସ୍ତାର ପାଇଁ ଅତିରିକ୍ତ ସ୍ଥାନ :** • 765/400KV, 4x1500MVA ICTs (12x500 MVA ସିଙ୍ଗଲ୍ ଫେଜ୍ ୟୁନିଟ୍) ସହିତ ଉଭୟ ଭୋଲ୍ଟେଜ୍ ସ୍ତରରେ ସଂଯୁକ୍ତ ICT ବେ ଗୁଡ଼ିକ ସହିତ • 400/220KV, 4x500MVA ICTs ଉଭୟ ଭୋଲ୍ଟେଜ୍ ସ୍ତରରେ ସଂଯୁକ୍ତ ICT ବେ ଗୁଡ଼ିକ ସହିତ • 765KV, 2x330MVAr (6x110MVAr ସିଙ୍ଗଲ୍ ଫେଜ୍ ୟୁନିଟ୍) ବସ୍ ରିଆକ୍ଟର ସହିତ ସଂଯୁକ୍ତ ବେ • 420KV, 2x125MVAr ବସ୍ ରିଆକ୍ଟର ସହିତ ସଂଯୁକ୍ତ ବେ • 8 nos. of 765KV ଲାଇନ୍ ଗୁଡ଼ିକ ପାଇଁ ଲାଇନ୍ ବେ (ସ୍ୱିଚ୍ କରାଯାଇପାରିବା ଲାଇନ୍ ରିଆକ୍ଟର ପାଇଁ ସ୍ଥାନ ସହିତ) ଭବିଷ୍ୟତ ଲାଇନ ପାଇଁ • 10 nos. of 400KV ଭବିଷ୍ୟତ ଲାଇନ୍ ଗୁଡ଼ିକ ପାଇଁ ଲାଇନ୍ ବେ (ସ୍ୱିଚ୍ କରାଯାଇପାରିବା ଲାଇନ୍ ରିଆକ୍ଟର ପାଇଁ ସ୍ଥାନ ସହିତ) • 12 nos. of 220KV ଭବିଷ୍ୟତ ଲାଇନ୍ ଗୁଡ଼ିକ ପାଇଁ ଲାଇନ୍ ବେ • 765KV ବସ୍ ସେକ୍ସନାଲାଇଜର ବେ: 1 ସେଟ୍ • 400KV ବସ୍ ସେକ୍ସନାଲାଇଜର ବେ: 1 ସେଟ୍ • 220KV ବସ୍ ସେକ୍ସନାଲାଇଜର ବେ: 1 ସେଟ୍ 220KV ବସ୍ କପ୍ଲର ବେ: 2 ନମ୍ବର				
4	ଅନୁଗୁଳରେ (POWERGRID)ରେ 765KV ଲେବୁଲର ବିସ୍ତାର ଏସ/ଏସ ସହିତ ଜିଆଇଏସରେ ବସ ସଂପ୍ରସାରଣ • 765KV AIS ଲା